**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ**

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ " ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଭୁବନେଶ୍ୱରକୁ ହସ୍ତାନ୍ତର କରଯାଇଥିଲା । ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର "M/s GEOENVITECH Research and consultancy Services Pvt. Ltd., ( ଜିଓଏନଭିଟେକ ଗବେଷଣା ଓ ପରାମର୍ଶଦାତା ସେବା ପ୍ରାଇଭେଟ ଲିମିଟେଡ), ଭୁବନେଶ୍ୱର ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ଅର୍ପଣ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସଂପୂର୍ଣ ବିବରଣୀ, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ସ୍ଥଳୀ, ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟ ପନ୍ଥା ଓ ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା -୫ )**

ନ୍ୟାୟାଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସରେ ସ୍ୱଚ୍ଛତା ଆଇନ ୨୦୧୩ ଧାରା -୫ ଅନୁସାରେ ୬(ଛଅ) ଗୋଟି ପ୍ରଭାବିତ ମୌଜା ଯଥା – ଜାମକୁଣ୍ଡ,।, ନୟାବାଲି, ଇଙ୍କଡ଼ାପାଲ, କୋଲ୍ହା, ପିଠାପୁର, ଓ ଭୋଗରାଇ ମୌଜାର ଜନଶୁଣାଣୀ କାର୍ଯ୍ୟକର୍ମ ଯଥାକ୍ରମେ ବିଷ୍ଣୁପୁର ଓ ଯାମକୁଣ୍ଡା ଏବଂ କଳବାଡିଆ( କୁମ୍ଭୀରଗଡି) ଓ ରସାଲପୁର ଗ୍ରା.ପ. ରେ ତା. ୩୧.୦୧.୨୦୨୩ ରିଖ ଏବଂ ୦୨.୦୨.୨୦୨୩ ରିଖ ରେ ସମ୍ପୃକ୍ତ ସରପଞ୍ଚଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା । ପ୍ରଭାବିତ ଗ୍ରାମ ଏବଂ ୱାର୍ଡ ମାନଙ୍କରେ ଜନଶୁଣାଣିର ସ୍ଥାନ, ତାରିଖ ଓ ସମୟ ସଙ୍କ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧମରେ ଜଣାଇ ଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣି ସମ୍ପୃକ୍ତ ଗ୍ରାମପଞ୍ଚାୟତ ର ପଞ୍ଚାୟତ ଗୃହ ରେ କରାଯାଇଥିଲା, ଉକ୍ତ ଜନଶୁଣାଣି ଗୁଡିକର ବିଶଦ ବିବରଣୀ ଚୁଡାନ୍ତ ସାମାଜିକ ପ୍ରଭାବ ବିବରଣୀରେ ଅନୁଧାନ ସର୍ବେକ୍ଷଣ ବର୍ଣନା ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ନିଜର ପ୍ରଭାବିତ ଜମିକୁ ପ୍ରକଳ୍ପ ପାଇଁ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ।

**ପ୍ରକାଶନ (ଧାରା- ୬ )**

ପ୍ରଭାବିତ ଗ୍ରାମର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା "ସାମାଜିକ ପ୍ରଭାବ ପରିଚାଳନା ଯୋଜୋନା " ବିବରଣୀକୁ ଆଇନର ଧାରା -୬ ମତେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ପତ୍ର ସଂଖ୍ୟା – SIA (ସିଆ )- - ୧୩୦୧/ଏନ.ସି.ଡି.ଏସ. ତା. ୨୪/ ୦୨ /୨୦୨୩ ରିଖ ଦ୍ୱାରା ବିଧିବଦ୍ଧ ଭାବେ ପ୍ରକାଶନ କରଯାଇଥିଲା ।

